ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କର ବାଲୁଖଣ୍ଡ-କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳକୁ ଅଚାନକ ଗସ୍ତ

## ନଭେମ୍ବର ସୁଦ୍ଧା କ୍ଷତିଗ୍ରସ୍ତ ପ୍ରକୃତି ନିବାସକୁ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ତା.୩୧/୦୮/୨୦୧୯ରିଖ

ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ନୂଆନଈଠାରେ ଅବସ୍ଥିତ ପ୍ରକୃତି ନିବାସ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବାରୁ ତୁରନ୍ତ ଏହାର ମରାମତି, ପୁନରୁଦ୍ଧାର ଓ ନବୀକରଣ କରି ଆସନ୍ତା ନଭେମ୍ବର ମାସ ସୁଦ୍ଧା ପର୍ଯ୍ୟଟନ ଋତୁ ପୂର୍ବରୁ ଏହାକୁ ପର୍ଯ୍ୟଟକଙ୍କ ନିମନ୍ତେ କାର୍ଯ୍ୟକ୍ଷମ କରିବାକୁ ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ନିର୍ଦ୍ଦେଶ ଦେଇଛନ୍ତି ।

ଆଜି ପୂର୍ବାହ୍ନରେ ମନ୍ତ୍ରୀ ଶ୍ରୀ ଆରୁଖ ପୁରୀ-କୋଣାର୍କ ବେଳାଭୂମିରେ ଅବସ୍ଥିତ ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଚାନକ ଗସ୍ତ ସମୟରେ ନୂଆନଈଠାରେ ଏକ ସମୀକ୍ଷା ବୈଠକ କରି ବନବିଭାଗର ଅଧିକାରୀମାନଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଆରୁଖଙ୍କ ଗସ୍ତ ସମୟରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ମଧ୍ୟ ଉପସ୍ଥିତ ଥିଲେ ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ଆରୁଖ ଅଭୟାରଣ୍ୟ ଭିତରେ ବୁଲିବା ସହ ହରିଣମାନଙ୍କ ରହିବା ସ୍ଥାନ ଦେଖିଥିଲେ । ହରିଣମାନଙ୍କ ବର୍ତ୍ତମାନ ଅବସ୍ଥା ବିଷୟରେ ପଚାରିବୁଝିବା ସହ ସେମାନଙ୍କ ସୁରକ୍ଷା ଏବଂ ଆବଶ୍ୟକୀୟ ଯତ୍ନ ନେବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ହରିଣମାନଙ୍କ ପାଇଁ ବର୍ତ୍ତମାନ ଥିବା ୧୨ଟି ଚାରଣ ଭୂମି ଯଥେଷ୍ଟ ହେଉନଥିବାରୁ ଅଧିକ ଚାରଣଭୂମି ସୃଷ୍ଟି କରିବା ଏବଂ ଏହି ଚାରଣ ଭୂମିଗୁଡ଼ିକୁ ତାରବାଡ଼ ଘେରାଇବା ଓ ଉପଯୁକ୍ତ ଯତ୍ନ ନେବା ଉପରେ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।

ଫେବୃଆରୀ ମାସ ସୁଦ୍ଧା ଗଣନା ଅନୁଯାୟୀ ଅଭୟାରଣ୍ୟରେ ୪୦୦୦ ହରିଣ ଥିଲେ । କିନ୍ତୁ ଫନି ବାତ୍ୟା ଯୋଗୁଁ ବାଲୁଖଣ୍ଡରେ ବହୁ ଉପୁଡ଼ା ଗଛ ପଡ଼ି ରହିଥିବାରୁ ତୁରନ୍ତ ଏହାକୁ ସଫାକରି ପୁନଃ ହରିଣ ଗଣନା କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବେଳାଭୂମି ଅଞ୍ଚଳରେ ହରିଣମାନେ ରାସ୍ତା ଅତିକ୍ରମ କରିବାବେଳେ ଯାନବାହାନ ଦ୍ୱାରା ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଦୀର୍ଘସ୍ଥାୟୀ ପଦକ୍ଷେପ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ହରିଣଙ୍କ ସୁରକ୍ଷା ପାଇଁ ଶିକାର ନିରୋଧ ସ୍କ୍ୱାଡ୍ (Anti-poaching Squad)ଗଠନ କରିବାକୁ ମନ୍ତ୍ରୀ କହିଥିଲେ । ହରିଣମାନଙ୍କ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଚିକିତ୍ସା ଗୃହକୁ ନିୟମିତ ଭାବେ ପ୍ରାଣୀ ଚିକିତ୍ସକ ଆସୁନଥିବାରୁ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ । ତେବେ ହରିଣମାନଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ଉପଲବ୍ଧ ହେଉଥିବାରୁ ମନ୍ତ୍ରୀ ଖୁସି ପ୍ରକଟ କରିଥିଲେ ।

ବାଙ୍ଗର ବିଚ୍‌ହାଉସ୍‌ଠାରେ ଅବସ୍ଥିତ ନର୍ସରୀକୁ ମଧ ମନ୍ତ୍ରୀ ଶ୍ରୀ ଆରୁଖ ପରିଦର୍ଶନ କରିଥିଲେ । ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇ ଅଭୟାରଣ୍ୟ ଭିତରେ ପଡ଼ିଥିବା ଝାଉଁଗଛ ସମେତ ଅନ୍ୟ ଗଛଗୁଡ଼ିକୁ ତୁରନ୍ତ ସଫା କରିବା ସହ ପୁନଶ୍ଚ ବନୀକରଣ କରି ବାଲୁଖଣ୍ଡର ସବୁଜିମା ଫେରାଇ ଆଣିବା ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ଆରୁଖ ନିର୍ଦ୍ଦେଶ ଦେଇଥିଲେ ।

ଏହି ଅବସରରେ ଜନସାଧାରଣଙ୍କୁ ବିନାମୂଲ୍ୟରେ ଯୋଗାଇ ଦିଆଯାଇଥିବା ଆମ୍ବ, ବଉଳ ଓ ଅନ୍ୟାନ୍ୟ ବୃକ୍ଷଚାରାକୁ ଜନସାଧାରଣ ପ୍ରକୃତରେ ସେମାନଙ୍କ ଜମିରେ ଲଗାଇଛନ୍ତି କି ନାହିଁ ତାହା କର୍ମଚାରୀମାନେ ବୁଲି ତଦାରଖ କରିବା ସହ ଚାରାରୋପଣକୁ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ଆରୁଖ ତାଗିଦ କରିଥିଲେ ।

ମନ୍ତ୍ରୀଙ୍କ ଗସ୍ତ ସମୟରେ ପୁରୀ ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ହର୍ଷବର୍ଦ୍ଧନ ଉଦ୍‌ଗାତା ଏବଂ ବନବିଭାଗ ଓ ଅଭୟାରଣ୍ୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ